## ଆମ୍ବ ଫସଲ ପରିଚାଳନା କ୍ୟାଲେଣ୍ଡର

ଆମ୍ବ ଏକ ସୁସ୍ୱାଦୁ ତଥା ପ୍ରିୟ ଫଳ ଭାବରେ ଆମ ଦେଶରେ ଜଣାଶୁଣା। ଭାରତର ମୋଟ ଫଳ ଉତ୍ପାଦନର ୨୨ ପ୍ରତିଶତ (୧୮ ମେ.ଟନ୍) ସ୍ଥାନ ଆମ୍ବ ଅଧିକାର କରିଛି। ଏହା ଉଭୟ ଗ୍ରୀଷ୍ମମଣ୍ଡଳୀୟ ଓ ଉପ-ଗ୍ରଷ୍ମମଣ୍ଡଳୀୟ ଜଳବାୟୁରେ ଚାଷ କରାଯାଇପାରେ। ଆମ୍ବ ଉତ୍ପାଦନ କ୍ଷେତ୍ରରେ ପୂର୍ବଭାରତୀୟ ରାଜ୍ୟମାନଙ୍କ ମଧ୍ୟରେ ଆମ ରାଜ୍ୟ ଓଡ଼ିଶା ବୃହତ୍ତମ କ୍ଷେତ୍ର ଅଧିକାର କରିଥିବା ବେଳେ ବିହାର ରାଜ୍ୟ ଉତ୍ପାଦନରେ ଅଗ୍ରଣୀ ରହିଛି।

ପୂର୍ବ ଭାରତରେ ଆମ୍ବ ଚାଷର ବୃଦ୍ଧି ଘଟିଛି କିନ୍ତୁ ବୃକ୍ଷରୋପଣ, ପରିଚାଳନା, ରୋଗପୋକ ନିୟନ୍ତ୍ରଣ ତଥା ଅମଳ ପରବର୍ତ୍ତୀ ପରିଚାଳନାରେ ବୈଜ୍ଞାନିକ ଜ୍ଞାନକୌଶଳର ଅଭାବ ପରିଲକ୍ଷିତ ହେଉଛି। ଆମ ଉତ୍ପାଦନକୁ ସ୍ଥାୟୀ ଏବଂ ଅର୍ଥକରୀ ପରିଚାଳନା କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯାଇଛି ଯାହା ଚାଷୀ ଓ ଉଦ୍ୟାନକୃଷି କ୍ଷେତ୍ର କର୍ମଚାରୀମାନଙ୍କ ଫସଲ ପରିଚାଳନାରେ ସହାୟକ ହେବ। ତଥାପି ଚାଷୀମାନେ କୃଷି ବିଜ୍ଞାନ କେନ୍ଦ୍ର ଓ ଉଦ୍ୟାନ କୃଷି ବିଭାଗରୁ ପରାମର୍ଶ ନେବା ଶ୍ରେୟସ୍କର। ଉନ୍ନତ କୃଷି ପାଇଁ କିସମ ଚୟନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମ୍ବ ଫସଲରେ ଉପଯୁକ୍ତ କିସମ ଅମଳ ସହ ବଜାର ଦର ଓ ଚାହିଦା ସହ ଜଡ଼ିତ।

| ଅମଳ ସମୟ ଋତୁ | ଲକ୍ଷଣ | କିସମ |
|---|---|---|
| ଅତି ଶୀଘ୍ର (ମାର୍ଚ୍ଚ ଶେଷ) | ଆକର୍ଷକ, ମଧ୍ୟମ ଅମଳ, ଉତ୍ତମ ଫଳ ୬୦-୭୦ କିଗ୍ରା/ଗଛପ୍ରତି, | ଅର୍କ ନିଳାଚଳ କେଶରୀ |
| ଶୀଘ୍ର (ଅପ୍ରେଲ ଶେଷ) | ମଧ୍ୟମ ଅମଳ ୬୦-୭୦ କିଗ୍ରା/ଗଛ | ହିମସାଗର, ପ୍ରଭା ସଙ୍କର ସାବରୀ |
| ମଧ୍ୟମ ଋତୁ (ମଇ) | ଉତ୍ତମ ଫଳ, ମଧ୍ୟମ ଅମଳ ୬୦-୭୦ କିଗ୍ରା/ଗଛ ଆକର୍ଷକ, ମଧ୍ୟମ ଅମଳ ଉତ୍ତମ ଫଳ, ୪୦-୫୦ କିଗ୍ରା/ଗଛ | ମହମ୍ମଦ ବାହାର ନିଲେସାନ ନିଲ୍‌ଫାନ୍‌ସୋ ପୁସା ସୂର୍ଯ୍ୟ, ପୁସା ଅରୁଣିମା, ଅରୁଣିକା |
| ଶେଷ ଜୁନ୍ | ଉତ୍ତମ ଅମଳ, ଉତ୍ତମ ଫଳ ୮୦-୧୦୦ କିଗ୍ରା/ଗଛ | ଆମ୍ରପଲି, ମଲ୍ଲିକା |





ଚାଷୀମାନଙ୍କର ଜାଣିବା ପାଇଁ ନୂତନ ଆମ୍ବ ବଗିଚା, ବଢୁଥିବା ବଗିଚା ଓ ଫଳନ୍ତି ବଗିଚାରେ ଫସଲ ପରିଚାଳନା ନିମନ୍ତେ ଋତୁ ଅନୁସାରେ ସାର ଓ କୀଟନାଶକ ପ୍ରୟୋଗ ନିମନ୍ତେ ଏକ କ୍ୟାଲେଣ୍ଡର ପ୍ରଦାନ ନିମ୍ନରେ ପ୍ରଦାନ କରାଗଲା। ଏହି କ୍ୟାଲେଣ୍ଡରକୁ ଅନୁସରଣ କଲେ ଆମ୍ବ ଚାଷ ପାଇଁ ଅତ୍ୟନ୍ତ ସହାୟକ ହେବ ଓ ଉନ୍ନତମାନର ଅମଳ ମିଳିପାରିବ।

### ଜୁନ୍-ଜୁଲାଇ ମାସ

ନୂତନ ଆମ୍ବଗଛ ଲଗାଇବା ପାଇଁ ଗାତ ଖୋଳି (୧:୧:୧ ମିଟର) ଚାରା ରୋପଣ କରିବା। ବଢୁଥିବା ଆମ୍ବ ଗଛରେ କାଣ୍ଡବିନ୍ଧା ପୋକର ପରିଚାଳନା ଓ ଲାର୍ଭାକୁ ମାରିବା ପାଇଁ ଅନାବଶ୍ୟକ ଭାଗକୁ ନଷ୍ଟକରି ଗାତରେ ଏକ ଚାମଚ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କଲେ ଉଇ ଦମନ ସହ ପ୍ରାରମ୍ଭିକ ଅବସ୍ଥାରେ ଗଛ ସୁସ୍ଥ ରହିବ।

ପାଚିଲା ଆମ୍ବକୁ ଆନ୍ଥ୍ରାକ୍ନୋଜ୍ ଓ ଫଳ ମାଛିର ପରିଚାଳନା ପାଇଁ ଆବଶ୍ୟକ ସ୍ଥଳେ ୧ଘଣ୍ଟା ଧରି ଗରମ ଜଳ (୪୮° ସେ) ରେ ବୁଡ଼ାଇବା। ଫଳ ତୋଳା ପରେ ଗଛ ଉପରୁ ୩୦-୪୦ ସେମି ତଳକୁ ପରିଷ୍କାର କରି କାଟିଲେ ପରବର୍ତ୍ତୀ ବର୍ଷ ଫଳ ଆସିବାର ସମ୍ଭାବନା ବଢ଼ିଥାଏ। ଡାଳ କଟା ଯନ୍ତ୍ର ସାହାଯ୍ୟରେ ଗହଳିଆ ଡାଳକୁ କାଟି ସେଥିରେ କପର ଅକ୍ସିକ୍ଲୋରାଇଡ୍ ୩ଗ୍ରାମ୍/ଲିଟର ସିଞ୍ଚନ କରିବା।

### ଅଗଷ୍ଟ-ସେପ୍ଟେମ୍ବର ମାସ

ନୂଆ ବଗିଚାର ଗଛ ମୂଳ ସଫା ରଖନ୍ତୁ ଏବଂ ଆବଶ୍ୟକ ପରିମାଣର ଖତ, ସାର ଦିଅନ୍ତୁ। ବଢୁଥିବା ଆମ୍ବ ବଗିଚାରେ ଗଛ ମୂଳକୁ ଘାସ ଦାଉରୁ ସଫା ରଖନ୍ତୁ, ଖାଦ୍ୟ ସାର ପରିଚାଳନା କରିବା ସହିତ ପ୍ରତି ଲିଟର ପାଣିରେ ଇଣ୍ଡୋକ୍ସାକାର୍ବ ୧ମିଲି/ଲିଟର କିମ୍ବା ପ୍ରୋଫେନୋଫସ୍ ୨ମିଲି/ଲିଟର ମିଶାଇ ପତ୍ର କରତିଆ ପୋକ, ଟ୍ରଙ୍କ୍ ବୋରର ଓ ୱିଭିଲ୍‌କୁ ମାରିବା ପାଇଁ ପତ୍ର ସିଞ୍ଚନ କରନ୍ତୁ।

ପ୍ଲାକ୍ଲୋବୁଟାଜଲକୁ ବୈଜ୍ଞାନିକ ଅନୁମୋଦିତ ଉପାୟରେ ଗଛ ପରିସୀମାର ଅଧାରେ ପ୍ରୟୋଗ କଲେ ଫଳ ଆସିବାର ସମ୍ଭାବନା ବଢ଼ିଥାଏ। ମୃତ ଡାଳକୁ କାଟନ୍ତୁ ଏବଂ ବୋଡେକ୍ସ ଅଠାକୁ ବ୍ୟବହାର କରନ୍ତୁ। ମାଙ୍କୋଜେବ କିମ୍ବା ଜିନାବ୍ ୨ ଗ୍ରାମ୍ ପତ୍ରି ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରି ପାରିବେ।

### ଅକ୍ଟୋବର-ନଭେମ୍ବର ମାସ

ନୂଆ ବଗିଚାରେ ଅନାବଶ୍ୟକ ଗଛ ଡାଳକୁ କାଟି ଦିଅନ୍ତୁ। ବଢ଼ନ୍ତି ବଗିଚାରେ ନିମ୍ବ କୀଟ ନାଶକ ୫ ମିଲି ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କଲେ କୀଟ ଦାଉରୁ ରକ୍ଷା ମିଳେ। ଜଳସେଚନକୁ ନିୟନ୍ତ୍ରଣ କରନ୍ତୁ। ଲିଟର ପିଛା ୨୦ ଗ୍ରାମ୍ ଷ୍ଟାର୍ଚ ସିଞ୍ଚନ କଲେ ପତ୍ର ଉପରେ ପଡୁଥିବା କଳା କବକ ଦାଗକୁ ନିୟନ୍ତ୍ରଣ କରିହେବ।

ଆମ୍ବ ବଗିଚାକୁ ତଥା ଗଛ ମୂଳକୁ ହଳକରି ସଫା ରଖନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ମୁହୂର୍ତ୍ତରେ ଆସୁଥିବା ଆମ୍ବ ଡାଆଣୀ ଓ ବିଭିନ୍ନ ପୋକର ଶୂକ ଏବଂ ଅଣ୍ଡା ବାହାରକୁ ବାହାରି କ୍ଷତିଗ୍ରସ୍ତ ହେବେ।

### ଡିସେମ୍ବର-ଜାନୁୟାରୀ ମାସ

ନୂଆ ବଗିଚାର ଗଛ ମୂଳକୁ ଘାସ ବା ପଲିଥିନ୍ ଦ୍ୱାରା ଅବରଣ ଦିଅନ୍ତୁ। ଗୋଟିଏ ସପ୍ତାହ ବ୍ୟବଧାନରେ ଅର୍ଦ୍ଧେକ ପରିମାଣରେ ଜଳସେଚନ କରନ୍ତୁ।

ଫଳନ୍ତି ବଗିଚାରେ ମୁକୁଳଫଟା ତଥା ପତ୍ରଫିମ୍ପି ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଇମିଡାକ୍ଲୋପିଡ଼ ୧୭.୮ ଏସ୍.ଏଲ୍. ୦.୪ ମିଲି ଏବଂ ସଲଫର୍ ୮୦ ଡବ୍ଲୁ.ପି. ୨ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୨ ଗ୍ରାମ୍ ଅଣୁସାର ମିଶ୍ରଣକୁ ୧ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଫଳଧାରଣ ଉତ୍ତମ ହୋଇଥାଏ। ଗଛ ଗଣ୍ଡିରେ ବୋର୍ଡୋ ପେଷ୍ଟର ଆବରଣ ଦିଅନ୍ତୁ। କୀଟ/ଉଇ ନିୟନ୍ତ୍ରଣ ପାଇଁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛପ୍ରତି ୨୫ ଗ୍ରାମ୍ ଗଛ ମୂଳ ଚାରିପାଖରେ ପ୍ରୟୋଗ କରନ୍ତୁ। ଜଳସେଚନରୁ ନିବୃତ ରୁହନ୍ତୁ। ଆମ୍ବ ଡାହାଣୀ ପୋକର ନିୟନ୍ତ୍ରଣ ପାଇଁ ଏସିଫେଟ୍ ୧ ଗ୍ରାମ/ଲିଟର ସିଞ୍ଚନ କରନ୍ତୁ। ଗଛର ତଳ ସଫା ରଖିବା ସହ ଗଣ୍ଡିରେ କନାରେ ଅଠା ବା ଗ୍ରୀସ୍ ଲଗାଇ ଗୁଡ଼ାନ୍ତୁ। ଗଛରେ ପୂର୍ଣ୍ଣମାତ୍ରାରେ ଆମ୍ବ କଷି ହେଲା ପରେ ନିୟମିତ ଜଳସେଚନ ବଜାୟ ରଖନ୍ତୁ।

### ଫେବୃୟାରୀ-ମାର୍ଚ୍ଚ ମାସ

ନୂଆ ବଗିଚାର ଏବଂ ବଢ଼ନ୍ତା ବଗିଚାରେ ଜଳସେଚନ କରନ୍ତୁ। ଫଳନ୍ତି ବଗିଚାରେ ଆମ୍ବ ଡାଆଣୀ ଏବଂ ପତ୍ରଫିମ୍ପି ନିୟନ୍ତ୍ରଣ ପାଇଁ ଇମିଡାକ୍ଲୋପିଡ଼ ୧୭.୮ ଏସ୍.ଏଲ୍. ୦.୪ ମିଲି/୧ଲି ପାଣି ଏବଂ ହେକ୍ସାକୋନାଜଲ୍ ୭୫ ଡବ୍ଲୁ.ପି. ୦.୫ ଗ୍ରାମ୍/ ଲିଟର କିମ୍ବା ଡିନୋକାପ୍ ୪୬ ଇସି ୧ ମିଲି / ୧ଲିଟର କିମ୍ବା ଏସିଫେଟ୍ ୧ଗ୍ରାମ୍ ପ୍ରତି ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ। ଆମ୍ବ ଗଛରୁ କଷି ଆମ୍ବ ନ ଝଡ଼ିବା ପାଇଁ ଏନ୍.ଏ.ଏ.୨୦ ପିପିଏମ୍ ପ୍ଲାନୋଫିକ୍ସ ୦.୪ ମିଲି/ ୧ଲି ପାଣି ମିଶାଇ ସିଞ୍ଚନ କରନ୍ତୁ। ଆମ୍ବ ଟାକୁଆ ଧାରଣ ପୂର୍ବରୁ ବୋରନ୍ ଅଣୁସାର ୨ଗ୍ରା/୧ଲି ପାଣି ସିଞ୍ଚନ କରନ୍ତୁ। କୀଟ ପରିଚାଳନା ପାଇଁ ଡାଇକ୍ଲୋରଭସ୍ ୧.୫ ମିଲି ପ୍ରତି ଲିଟର ପାଣି ମିଶାଇ ସିଞ୍ଚନ କରନ୍ତୁ। ଗଛକୁ ଜଳସେଚନ କରନ୍ତୁ ମାତ୍ର ଯେପରି ଗଛମୂଳରେ ଅଧିକ ପାଣି ଜମି ନ ରହେ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

### ଅପ୍ରେଲ୍-ମଇ ମାସ

ନୂଆ ବଗିଚାର ଗଛ ମୂଳକୁ ଏବଂ ବଢ଼ନ୍ତା ବଗିଚାରେ ଜଳସେଚନ କରନ୍ତୁ। ଫଳନ୍ତି ବଗିଚାରେ ଆମ୍ବ କଳାଫିମ୍ପି ଏବଂ କାଣ୍ଡସଢ଼ା ରୋଗକୁ ନିୟନ୍ତ୍ରଣ କରିବା ପାଇଁ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁ.ବି. ୧ ଗ୍ରାମ୍ ପ୍ରତି ଲିଟର ପାଣି ବା କ୍ଲୋରୋଥାନୋନିଲ୍ ୭୫ ଡବ୍ଲୁ.ପି. ୨ ଗ୍ରାମ୍ ୧ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫଳମାଛି ନିୟନ୍ତ୍ରଣ ପାଇଁ ଟ୍ରାପ୍ ବ୍ୟବହାର କରନ୍ତୁ। ଯାଦୁଆ ରୋଗ ପାଇଁ ଅକ୍ସିକ୍ଲୋରାଇଡ୍ ୫୦ ଡବ୍ଲୁ.ପି. ୨ ଗ୍ରାମ୍ + ଷ୍ଟ୍ରେପ୍ଟୋମାଇସିନ୍ ୩ ଗ୍ରାମ୍ ମିଶ୍ରଣ କରି ସିଞ୍ଚନ କରନ୍ତୁ। ଆମ୍ବର ଆକାର ସଠିକ୍ ରହିବା ପାଇଁ ବୋରାକ୍ସ ୨ ଗ୍ରାମ୍ ୧ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଉଚିତ୍। ସଅଳ ଓ ମଧ୍ୟମ କିସମ ଆମ୍ବ ୮୫-୧୦୦ ଦିନରେ ଅମଳ ଯୋଗ୍ୟ ହେଲାବେଳେ ବିଳମ୍ବ କିସମ ଆମ୍ବ ୧୧୦ରୁ ୧୨୫ ଦିନରେ ଅମଳ ହୋଇଥାଏ।





ଗଛରେ ବଉଳ ହୋଇଥିବା ବେଳେ ଏବଂ ଆମ୍ବ ମଟର ଦାନା ଆକାର ହୋଇଥିବା ବେଳେ ଅଣୁସାର, କୀଟନାଶକ ଓ ହରମୋନ୍ ଆଦି ସିଞ୍ଚନ କରିବା ଆବଶ୍ୟକ। ଗଛରେ ବଉଳ ପୂର୍ଣ୍ଣାଙ୍ଗ ଅବସ୍ଥାରେ ଥିବାବେଳେ କୀଟନାଶକ ପକାନ୍ତୁ ନାହିଁ, କାରଣ ଏହା ପରାଗସଙ୍ଗମରେ ବାଧା ଉପୁଜାଇଥାଏ।

ଜୁଲାଇରୁ ଅଗଷ୍ଟ ମାସ ମଧ୍ୟରେ ସଂପୂର୍ଣ୍ଣ ଏଫ୍.ୱାଇ.ଏମ୍. ଯବକ୍ଷାରଜାନ, ତଥା ଅଧା ଫସ୍‌ଫରସ ଓ ପଟାସ୍ ଗଛରୁ ୧-୨ ମି ଦୂରତ୍ୱରେ ତଥା ବାକି ଅଧା ଫସ୍‌ଫରସ୍ ଓ ପଟାସ୍ ଡ଼ିସେମ୍ବର ମାସରେ ପ୍ରୟୋଗ କରନ୍ତୁ। ଆମ୍ବ ଅମଳ ହୋଇସାରିବା ପରେ ତାକୁ ନଡା ଘୋଡ଼େଇ କିମ୍ବା ଇଥେଲିନ୍ ଗ୍ୟାସ୍ ବ୍ୟବହାର କରି ପଚାଯାଇ ପାରେ।


ଗଛ ପାଇଁ ଗାତ


ମୁଖ୍ୟଜମି


ବକୁଳିତ ଡାଳ


ପୂର୍ଣ୍ଣ ବକୁଳିତ


ଚଣାକୃତି ଫଳ


ଛୋଟଫଳ


ଡାଆଣୀ ସଂକ୍ରମିତ


ରୋଗାକ୍ରାନ୍ତ


ପତ୍ରଜାଲି ପୋକ


ମିଲିବଗ୍


କାଣ୍ଡବିନ୍ଧା


ଫଳବିନ୍ଧା


ଫଳମାଛି


ପାଉଁଶିଆ ରୋଗ


ସୁଟିମୋଲ୍ଡ


ଅଣବିକଶିତ ବଉଳ


ଜେଲି ଟାକୁଆ


ଆନ୍ଥ୍ରାକ୍ନୋଜ୍

## ଗୋଟିଏ ଆମ୍ବଗଛରେ ବାର୍ଷିକ ସାର ପ୍ରୟୋଗ ବିଧି

| ଅବଧି | ଜୈବସାର | ଯବକ୍ଷାରଜାନ | ଫସ୍ଫରସ୍ | ପଟାସ | ୟୁରିଆ | ଏମ୍ଓପି | ଡିଏପି |
|---|---|---|---|---|---|---|---|
| ୧ ବର୍ଷ | ୨୦ କିଗ୍ରା | ୮୦ ଗ୍ରା | ୪୦ ଗ୍ରା | ୮୦ଗ୍ରା | ୧୩୦ ଗ୍ରା | ୧୩୦ ଗ୍ରା | ୧୦୦ ଗ୍ରା |
| ୨ ବର୍ଷ | ୨୦ କିଗ୍ରା | ୧୬୦ ଗ୍ରା | ୮୦ ଗ୍ରା | ୧୬୦ଗ୍ରା | ୨୮୦ଗ୍ରା | ୨୬୦ ଗ୍ରା | ୧୭୫ ଗ୍ରା |
| ୩ ବର୍ଷ | ୩୦ କିଗ୍ରା | ୨୪୦ ଗ୍ରା | ୧୨୦ ଗ୍ରା | ୨୪୦ ଗ୍ରା | ୪୦୦ଗ୍ରା | ୪୦୦ ଗ୍ରା | ୨୫୦ ଗ୍ରା |
| ୪ ବର୍ଷ | ୪୦ କିଗ୍ରା | ୩୨୦ ଗ୍ରା | ୧୬୦ ଗ୍ରା | ୩୨୦ ଗ୍ରା | ୫୫୦ଗ୍ରା | ୫୩୦ ଗ୍ରା | ୩୫୦ ଗ୍ରା |
| ୫ ବର୍ଷ | ୫୦ କିଗ୍ରା | ୪୦୦ ଗ୍ରା | ୨୦୦ ଗ୍ରା | ୪୦୦ ଗ୍ରା | ୭୦୦ ଗ୍ରା | ୬୫୦ ଗ୍ରା | ୪୫୦ ଗ୍ରା |
| ୬ ବର୍ଷ | ୬୦ କିଗ୍ରା | ୪୮୦ ଗ୍ରା | ୨୪୦ ଗ୍ରା | ୪୮୦ ଗ୍ରା | ୮୫୦ ଗ୍ରା | ୮୦୦ ଗ୍ରା | ୫୨୫ ଗ୍ରା |
| ୭ ବର୍ଷ | ୬୦ କିଗ୍ରା | ୫୬୦ ଗ୍ରା | ୨୮୦ ଗ୍ରା | ୫୬୦ ଗ୍ରା | ୧୦୦୦ ଗ୍ରା | ୯୦୦ ଗ୍ରା | ୬୦୦ ଗ୍ରା |
| ୮ ବର୍ଷ | ୫୦ କିଗ୍ରା | ୬୪୦ ଗ୍ରା | ୩୨୦ ଗ୍ରା | ୬୪୦ ଗ୍ରା | ୧.୧୦ କିଗ୍ରା | ୧.୦୦ କିଗ୍ରା | ୬୫୦ ଗ୍ରା |
| ୯ ବର୍ଷ | ୮୦ କିଗ୍ରା | ୭୨୦ ଗ୍ରା | ୩୬୦ ଗ୍ରା | ୭୨୦ ଗ୍ରା | ୧.୨୫ କିଗ୍ରା | ୧.୨୦ କିଗ୍ରା | ୭୫୦ ଗ୍ରା |
| ୧୦ବର୍ଷ | ୧୦୦ କିଗ୍ରା | ୮୦୦ ଗ୍ରା | ୪୦୦ ଗ୍ରା | ୮୦୦ ଗ୍ରା | ୧.୪୦ କିଗ୍ରା | ୧.୩୦ କିଗ୍ରା | ୮୫୦ଗ୍ରା |

## ଗଜା ଗଛର ପରିଚାଳନା

ଗଛ ସଠିକ୍ ଖାଦ୍ୟ ଓ ସୂର୍ଯ୍ୟକିରଣ ପାଇଲେ ତା'ର ବୃଦ୍ଧିରେ ଓ ଅମଳରେ ଉନ୍ନତି ଘଟିଥାଏ, ତେଣୁ ବଗିଚାରେ ଗଛ ଲଗାଇବା ପ୍ରଣାଳୀ (ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଭୂମିରୁ ୧ ମିଟର ପର୍ଯ୍ୟନ୍ତ ଗଛ ବିନା ଶାଖାରେ ସିଧାଭାବେ ବଢ଼ିବା ଉଚିତ୍। ଶାଖାଗୁଡ଼ିକୁ ଡିସେମ୍ବର-ଜାନୁଆରୀ ମାସରେ (୭୫-୮୦ ସେ.ମି.) କାଟି, ମାତ୍ର ୩-୪ଟି ଶାଖାକୁ ଭିନ୍ନଭିନ୍ନ ଦିଗରେ ଛାଡ଼ି ଦେଲେ ଦେଲେ ଗଛ ସୁସ୍ଥଭାବେ ବଢ଼ିପାରେ। ଠିକ୍ ସେହିପରି ଜୁନ୍-ଜୁଲାଇ ମାସ ବେଳକୁ ଦ୍ୱିତୀୟ ପର୍ଯ୍ୟାୟରେ କିଛି ଅଗ୍ର ଡାଳ କାଟିଦେବା ଉଚିତ୍। ଫଳତଃ ଗଛଟି ଠିକ୍‌ଭାବେ ସୂର୍ଯ୍ୟକିରଣ ପାଇବ ଓ ସୁସ୍ଥ ହୋଇ ବଢ଼ିପାରିବ।









## ବୋର୍ଡକ୍ସ ଅଠା ପ୍ରସ୍ତୁତି ଓ ଉପଯୋଗ

କପର ସଲଫେଟ୍ ୧ କିଗ୍ରା, ୫ଲି ପାଣିରେ ରାତିସାରା ଭିଜାନ୍ତୁ। ଅନ୍ୟଏକ ପାତ୍ରରେ ୧ କିଗ୍ରା ଚୂନକୁ ୫ଲି ପାଣିରେ ଗୋଳାନ୍ତୁ। ଉଭୟ ଦ୍ରବଣକୁ ମିଶ୍ରଣ କରି ଗଛରୁ ମୂଳରୁ ଆରମ୍ଭ କରି ଗଣ୍ଡିରେ ଏବଂ କଟା ଯାଇଥିବା ଡାଳର ଅଗ୍ରଭାଗରେ ଲଗାଇଲେ ଗଛଟି ରୋଗ ଓ ପୋକ ଦାଉରୁ ରକ୍ଷା ପାଇଥାଏ।

## ଫଳମାଛି ଯନ୍ତା

ବଜାରରେ ମିଳୁଥିବା ଫଳମାଛି ନିୟନ୍ତ୍ରଣ ଜନ୍ତାକୁ ଆମ୍ବ ପାକଳ ହେବାର ୪୫ ଦିନ ପୂର୍ବରୁ ଏକ ପ୍ଲାଷ୍ଟିକ୍ ଜାର୍‌ରେ ଦେଢ଼ ମିଟର ଉଚ୍ଚତାରେ ଗଛରେ ବାନ୍ଧି ଦିଅନ୍ତୁ।

## ଆମ୍ବ ପଚାଇବା

ଇଥାଇଲ୍ ଆମ୍ବ ପଚାଇବା ପାଇଁ ଏକ ପ୍ରାକୃତିକ ହରମୋନ୍। ଚାଷୀମାନେ ଫଳ ପଚାଇବା ପାଇଁ ୩x୩x୫ମିଟର ବିଶିଷ୍ଟ ଏକ ଆବଦ୍ଧ କୋଠରୀରେ ୬-୮ କ୍ୱିଣ୍ଟାଲ ଆମ୍ବରଖି ଗୋଟିଏ ୫ଲିଟର ପ୍ଲାଷ୍ଟିକ୍ ଟବ୍‌ରେ ୧୦ ମିଲି ଇଥାଇଲ୍ ସହ ୨ଗ୍ରା କଷ୍ଟିକ୍ ସୋଡ଼ା ମିଶାଇ ୧୬-୨୦ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ସେଥିରୁ ଆମ୍ବକୁ ବାହାରକରି ୨-୩ ଦିନ ଘର ଭିତରେ ରଖିଲେ ଆମ୍ବ ପାଚିବା ଆରମ୍ଭ ହୋଇଥାଏ ଯାହାର ବଜାର ଚାହିଦା ଖୁବ୍ ଅଧିକ।



Sponsored by: MIDH Project
Printed at: Ankita Graphics, Bhubaneswar, Cell: 9437077337

OUAT Publication
No. 2024100330



# ଆମ୍ବ ଚାଷ

## ଫସଲ ପରିଚାଳନା କ୍ୟାଲେଣ୍ଡର











ବିଷୟବସ୍ତୁ:
ରବି ଶଙ୍କର ମିଶ୍ର
କ୍ଷେତ୍ର ପରିଚାଳକ

ସଂପାଦନା:
ଡଃ. ସୁଜିତ୍ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨, ବ୍ରହ୍ମପୁର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ